## ସଂକ୍ଷେପରେ

### ଜୁଆ ଆଡ୍ଡାରେ ଚଢ଼ାଉ, ୧୧ ଗିରଫ

ସୁନାବେଡା,୨୪।୬(ସ୍ୱ.ପ୍ର.)-ପୋଲିସ ସୂଚନା ମୁତାବକ ଗୁରୁବାର ରାତ୍ରି ପ୍ରାୟ ୧୦ଟା ସମୟରେ ସୁନାବେଡ଼ା ଥାନା ଅଧୀନ ସେମିଳିଗଡ଼ା ସରସ୍ୱତୀ ନଗରସ୍ଥିତ ଏକ ଘରେ ଜୁଆଆଡ୍ଡା ଚାଲିଥିବା ଖବର ସୁନାବେଡ଼ା ପୋଲିସ ଚଢ଼ାଉ କରି ୧୧ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧୫ ହଜାର ଟଙ୍କା ଜବତ ହୋଇଥିବା ଆଇଆଇସି ସମ୍ପିତ ବେହେରା କହିଛନ୍ତି। କେସ୍ ନଂ. ୧୦୨ /୨୨ ରେ ଏକ ମାମଲା ରୁଜୁ ହୋଇଛି। ପରେ ଗିରଫ ଅଭିଯୁକ୍ତମାନଙ୍କୁ ଥାନାରୁ ଜାମିନରେ ଛଡ଼ାଯାଇଥିବା ଜଣାପଡ଼ିଛି।

### ବଦଳିଲେ ଅତିରିକ୍ତ ଜିଲାପାଳ

ମାଲକାନଗିରି,୨୪।୬(ଡି.ଏନ.ଏ.)-ମାଲକାନଗିରି ଜିଲାରେ ଦୀର୍ଘ ବର୍ଷ ଧରି କାର୍ଯ୍ୟରତ ଥିବା ଅତିରିକ୍ତ ଜିଲ୍ଲାପାଳ ବୀରସେନ ପ୍ରଧାନଙ୍କ ପଦୋନ୍ନତି ସହ ଅନ୍ୟତ୍ର ବଦଳି ହୋଇଛି। ସେ ବ୍ରହ୍ମପୁର ଆରଡିସି କାର୍ଯ୍ୟାଳୟର ଅତିରିକ୍ତ କମିଶନର (ସେଟଲମେଣ୍ଟ) ପଦରେ ଅବସ୍ଥାପିତ ହୋଇଛନ୍ତି। ପ୍ରଧାନଙ୍କ ସ୍ଥାନରେ ଓଡିଶା ମାଇନ୍ସ ଅନୁଗୋଳ କର୍ଯ୍ୟାଳୟର ଆଞ୍ଚଳିକ ପରିଚାଳକ ରାମାଞ୍ଚଳ ଖମାରୀଙ୍କୁ ନିଯୁକ୍ତି ମିଳିଛି।

### ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ

ଜୟପୁର, ୨୪।୬ (ନି.ପ୍ର.)-ପୌରପାଳିକା ତରଫରୁ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରଜାନହରଠାରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଲୋକଙ୍କୁ ସଚେତନ କରିଥିଲା। ଶୋଭାଯାତ୍ରାକୁ ପୌର ଉପାଧକ୍ଷ ବି.ସୁନତା ଉଦ୍‌ଘାଟନ କରିଥିଲେ। ସଚେତନତା ପ୍ଲାକାର୍ଡ ଧରି ଏହି ଶୋଭାଯାତ୍ରା ମୁଖ୍ୟ ରାସ୍ତା ଦେଇ ମୁଖ ଟ୍ରାଫିକ ଛକ ନିକଟରେ ପହଞ୍ଚିଥିଲା।

### ସ୍ୱାସ୍ଥ୍ୟ ସେବା ଶିବିର

ଏମ୍‌ଭି ୭୯,୨୪।୬(ଡି.ଏନ.ଏ.)-ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମଭି-୭୯ ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସାମାଜିକ ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କାଲିମେଲା ବ୍ଲକ ଅଧକ୍ଷ ସୁବାସିନୀ ସୋଡି,



ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି, ତାଣ୍ଡବାଇ ସରପଞ୍ଚ ସତ୍ୟମ ମାଡକାମୀ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଶିବିରରେ ପ୍ରାୟ ୪୦୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ସାସ୍ଥ୍ୟ ସେବା ପାଇଥିଲେ।

### ବନ୍ଦ ଘରକୁ ଟାର୍ଗେଟ୍ ମହିଳା ଯନ୍ତ୍ରୀଙ୍କ ଘରୁ ସୁନା ଅଳଙ୍କାର ଚୋରି

କୋରାପୁଟ,୨୪।୬(ସ୍ୱ.ପ୍ର. )- କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ସଦରରେ ଜଣେ ମହିଳା ଯନ୍ତ୍ରୀଙ୍କ ଘରୁ କେତେକ ଦୁର୍ବୃତ ସୁନା ଅଳଙ୍କାର ଚୋରି କରିଛନ୍ତି। ଘଟଣା ସ୍ଥଳରେ ଲକ୍ଷ୍ମୀପୁର ପୋଲିସ ପହଞ୍ଚି ତଦନ୍ତ କରି ଫେରି ଥିବା ବେଳେ ସାଇଣ୍ଟିଫିକ ଟିମର ୬ ଜଣିଆ ଦଳ ସନ୍ଧାନୀ କୁକୁର ଆଣି ତଦନ୍ତ କରିଥିଲେ ସୁଦ୍ଧା କିଛି ସୁଫଳ ମିଳନି। ଯନ୍ତ୍ରୀ ଶ୍ରାବଣୀ ପାଢ଼ୀ ସପ୍ତାହେ ହେବ ଅସୁସ୍ଥତା କାରଣରୁ ମେଡିକାଲରେ ଥିଲେ। ଶୁକ୍ରବାର ସେ ମେଡିକାଲରୁ ନିଜ ଘରକୁ ଫେରି ତାଙ୍କ ତଳ ଘରେ ରହୁଥିବା ଲକ୍ଷ୍ମୀପୁର ମହାବିଦ୍ୟାଳୟର ଅଧାପକ କିଶୋର ଚନ୍ଦ୍ର ସାହୁଙ୍କ ଘର କବାଟର ତାଲା ଭଙ୍ଗା ଯାଇଥିବା ପ୍ରଥମେ ଦେଖି ପରେ ନିଜ ଘରକୁ ଯାଇଥିଲେ। ଶ୍ରାବଣୀଙ୍କ ଘର ମଧ ତାଲା ଭଙ୍ଗା ଯାଇ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ତାଙ୍କର କିଛି ସୁନା ଅଳଙ୍କାର ଓ ଗୋଟିଏ ଲାପଟପ୍ ଚୋରମାନେ ନେଇଯାଇଥିବା ସେ ଥାନାରେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ତାଙ୍କ ତଳେ ଘରେ ରହୁଥିବା ଅଧାପକ ସାହୁ ମଧ କୌଣସି କାମରେ ବାହାରକୁ ଯାଇ ଶୁକ୍ରବାର ଫେରିଥିଲେ। ତାଙ୍କ ଘର ତାଲା ଭଙ୍ଗା ଯାଇଥିଲେ ମଧ କୌଣସି ସାମଗ୍ରୀ ଚୋରି ହୋଇ ନ ଥିବା କହିଛନ୍ତି। ସୂଚନାଯୋଗ୍ୟ, ଦେଢ଼ ବର୍ଷ ମଧରେ ଏହି ଭଳି ଘରେ କେହି ନ ଥିବା ସୁଯୋଗରେ ୩ଜଣଙ୍କ ଘରୁ ଲକ୍ଷାଧିକ ଟଙ୍କା ଚୋରି ହୋଇଥିଲେ ମଧ ଏଯାଏ ପୋଲିସ କାହାକୁ ଧରିବାରେ ସଫଳ ହୋଇପାରିନି।

# ଶିକ୍ଷା, ପାନୀୟ ଜଳ ସହ ବିଭିନ୍ନ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ

ପଟ୍ଟାଙ୍ଗୀ,୨୪।୬(ଡି.ଏନ.ଏ.)

**ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ କୋଟିଆ ଗସ୍ତ**

କୋରାପୁଟ ଜିଲାକୁ ଗସ୍ତରେ ଆସିଥିବା ରାଜ୍ୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଶୁକ୍ରବାର କୋଟିଆ ପଞ୍ଚାୟତ ଗସ୍ତକରି ବିଭିନ୍ନ ସରକାରୀ ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଉପସ୍ଥିତ ଜିଲା ଓ ବ୍ଲକ ଅଧିକାରୀଙ୍କ ସହ ଆଲୋଚନା ବେଳେ ଏହି ପଞ୍ଚାୟତ ଉପରେ ବିଶେଷ ଗୁରୁତ୍ୱଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ସହ ଜିଲାପାଳ ଅବଦାଲ ଏମ୍. ଅଖତର ଗସ୍ତ କରିଥିଲେ। ପ୍ରଥମେ ପଞ୍ଚାୟତରେ ଖୋଲାଯାଇଥିବା ସ୍ୱତନ୍ତ୍ର ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପହଞ୍ଚି ଶିକ୍ଷାଦାନ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ। ଉପସ୍ଥିତ ଛାତ୍ରୀଛାତ୍ରଙ୍କ ସହ ସେ ଆଲୋଚନାକରି ବିଦ୍ୟାଳୟରେ କିପରି ଶିକ୍ଷାଦାନ ଠିକ୍ ରୂପେ ହେବ ସେନେଇ ଦୃଷ୍ଟିଦେବାକୁ ଅଧକ୍ଷ ଦାୟିତ୍ୱରେ ଥିବା ଗାୟତ୍ରୀ ମଲ୍ଲିକଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟରେ ହଷ୍ଟେଲ ବ୍ୟବସ୍ଥା ଏବଂ ପାନୀୟଜଳ ସୁବିଧା ହୋଇପାରିବ ଏବଂ ଖୋଲାଯାଇଥିବା ଷଷ୍ଠଶ୍ରେଣୀରେ ସବୁ ସିଟ୍ ପୂରଣ ପାଇଁ ଜିଲାପାଳଙ୍କ ସହ ଆଲୋଚନା କରି ପଦକ୍ଷେପ ନେବାକୁ ଜିଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକଙ୍କୁ ସାହୁ ନିର୍ଦ୍ଦେଶ ଦେଇଥିଲେ। ପରେ ଅତିରିକ୍ତ ଶାସନ ସଚିବ ସାହୁ ଓ ଜିଲାପାଳ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ ଏବଂ ସରପଞ୍ଚ ଲିୟୁ ଗେମେଲଙ୍କ ସହ ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସମୟରେ ଜିଲା ପରିଷଦ ସଭ୍ୟା ଟିକାଇ ପଞ୍ଚାୟତରେ ଥିବା ଶିକ୍ଷିତ ଯୁବତୀଯୁବକଙ୍କ ପାଇଁ ନିଯୁକ୍ତି ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଓ ଥାନାରେ ପାନୀୟଜଳ ବ୍ୟବସ୍ଥା, ପଞ୍ଚାୟତର ହରମାଣ୍ଡାଙ୍ଗି ଗ୍ରାମବାସୀ ଜଙ୍ଗଲ ଜମି ପଟ୍ଟା ପାଇ ନ ଥିବା, ପଞ୍ଚାୟତର ଅନେକ ଗ୍ରାମରେ ବୋର୍‌ୱେଲ ଖୋଲାଯାଇଥିବା ବେଳେ



କୋଟିଆରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଚିଲାପାଳଙ୍କ ସହ ଅନ୍ୟମାନେ ।

ସେଠାରେ ଏଯାଏ ପାଇପ ଫିଟିଂ ନ ହେବା, ପଞ୍ଚାୟତରେ ନେଟ୍‌ୱର୍କ ସୁବିଧା, ତହସିଲ କାର୍ଯ୍ୟାଳୟରେ ଦୀର୍ଘ ମାସ ହେଲା ଖାଲି ପଡ଼ିଥିବା ତହସିଲଦାର ଓ ଅତିରିକ୍ତ ତହସିଲଦାର ପଦ ପୂରଣ କରିବା ଦିଗରେ ପଦକ୍ଷେପ ନେବାକୁ ଟିକାଇ ଓ ସରପଞ୍ଚ ଲିୟୁ ପ୍ରସ୍ତାବ ଦେଇଥିଲେ। ତହସିଲଦାର ନିଯୁକ୍ତି କିଛିଦିନ ମଧ୍ୟରେ ହେବ। ହରମାଣ୍ଡାଙ୍ଗି ଗ୍ରାମବାସୀ ମାସକ ମଧ୍ୟରେ ଯେପରି ଜଙ୍ଗଲ ଜମି ପଟ୍ଟା ପାଇବେ ସେନେଇ ରାଜସ୍ୱ ନିରୀକ୍ଷକ ଦୁର୍ଯ୍ୟୋଧନ ନାୟକଙ୍କୁ ନିର୍ଦ୍ଦେଶ ଦେଇଥିଲେ। କେବଳ କୋଟିଆ ପଞ୍ଚାୟତ ପାଇଁ ରାଜସ୍ୱ ନିରୀକ୍ଷକ ନାୟକଙ୍କୁ ନିଯୁକ୍ତି କରି ତାଙ୍କୁ ଅନ୍ୟ କୌଣସି ପଞ୍ଚାୟତ ଦାୟିତ୍ୱରେ ନ ରଖିବାକୁ ମୁଖ୍ୟ ଶାସନ ସଚିବ ସାହୁ ଜିଲାପାଳଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ପଞ୍ଚାୟତର ଲୋକଙ୍କ ରୋଜଗାରକ୍ଷମ ହେବାକୁ ବ୍ଲକ ଏବଂ ଆର୍‌ଡି ବିଭାଗ ପକ୍ଷରୁ ଯେଉଁ ଉନ୍ନୟନମୂଳକ କାର୍ଯ୍ୟ ଚାଲିଛି ସେଥିରେ ଲୋକଙ୍କୁ ନିୟୋଜିତ କରିବାକୁ ଆର୍‌ଡି ଅଧିକାରୀ ଏବଂ ବିଡିଓ ସୌମ୍ୟ ସାର୍ଥକ ମିଶ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପଞ୍ଚାୟତରେ ମହିଳା ଏସ୍‌ଏଚ୍‌ଜି ଗଠନକରି ସେମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ସମ୍ପୃକ୍ତ କରାଇ ରୋଜଗାରକ୍ଷମ କରିବା ପାଇଁ ବିଡିଓ ମିଶ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ଉପସ୍ଥିତ ଯୁବତୀ ଏବଂ ମହିଳାମାନେ ପଞ୍ଚାୟତରେ ଅନେକ ପରିବାର ଆବାସ ଯୋଜନାରେ ଘର ପାଇବାରୁ ବଞ୍ଚିତ ହେଉଥିବା ସାହୁଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ବିଷୟରେ ସେ ଜିଲାପାଳଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି ସାହୁ ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ଏଡିଏମ୍ (ରାଜସ୍ୱ) ରାଜେନ୍ଦ୍ର ମାଝି, ବ୍ଲକ ସହକାରୀ ଯନ୍ତ୍ରୀ ବିଶ୍ୱନାଥ ମାଦାଲି, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରଜନୀକାନ୍ତ ବଡନାୟକ, ଏପିଓ ସୌମେନ୍ଦ୍ର ନାୟକ, କନିଷ୍ଠ ଯନ୍ତ୍ରୀ ଅଜୟରାମ ତରାଇ, ତହସିଲ କାର୍ଯ୍ୟାଳୟର ବିକାସ ଭତ୍ରା, ସୁପରଭାଇଜର ଗୋଲକ ବିହାରୀ ପରିଡ଼ା, କୋଟିଆ ପିଇଓ ନବ ହନ୍ତାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଗ୍ୟାସ ଟାଙ୍କି ଫାଟି ୫ ବଖରା ଜଳିଗଲା

ଖଲ୍ଲିକୋଟ,୨୪।୬(ଡି.ଏନ.ଏ.)

ଖଲ୍ଲିକୋଟ ଥାନା ଅନ୍ତର୍ଗତ ମାଣିକ୍ୟପୁର ଗ୍ରାମରେ ଶୁକ୍ରବାର ଉଜ୍ୱଳା ଗ୍ୟାସ ଟାଙ୍କି ଫାଟି ୫ ବଖରା ଘର ଜଳିଯାଇଛନ୍ତି। ଏଥିରେ ଅଳ୍ପକେ ବର୍ତ୍ତିଗଲେ ମା' ଓ ଝିଅ। ପୋଡି ପାଉଁଶ ହୋଇଗଲା ଲକ୍ଷାଧିକ ଟଙ୍କାର ଆସବାବପତ୍ର। ଅପରାହ୍ନରେ ଉକ୍ତ ଗ୍ରାମ ଜଗନ୍ନାଥ ମନ୍ଦିର ସାହିର ନାଲୁ ସିଂଙ୍କ ସ୍ତ୍ରୀ କନକ ଏବଂ ତାଙ୍କ ଝିଅ ଘରେ ଥିବା ସମୟରେ କୌଣସି କାରଣ ବଶତଃ ବ୍ୟବହାର ହେଉଥିବା ଉଜ୍ୱଳା ଗ୍ୟାସ ଟାଙ୍କି ଫାଟି ଯାଇଥିଲା। ବିସ୍ଫୋରଣର ପ୍ରଭାବରେ ଘରର ଆଜବେଷ୍ଟସ ଉଡ଼ିଯିବା ସହ ୫ ବଖରା ଘର ଜଳି ଯାଇଛି। ଝିଅକୁ ଦେବା ପାଇଁ ଘରେ ରଖିଥିବା ୨୦ ଭରି ସୁନା ଗହଣା ଓ ନଗଦ ୭୫ ହଜାର ଟଙ୍କା ନିଆଁରେ ଜଳିଯାଇଛି। ଖବର ପାଇ ଖଲ୍ଲିକୋଟରୁ ଦୁଇଟି ଦମକଳ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ କେଉଁ କାରଣରୁ ଗ୍ୟାସ ଟାଙ୍କିଟି ବିସ୍ଫୋରଣ ହେଲା ଏହାର କାରଣ ଜଣାପଡି ନାହିଁ। ଅଗ୍ନିକାଣ୍ଡର ଖବର ପାଇ କନ୍ହେଇପୁର ରାଜସ୍ୱ ନିରୀକ୍ଷକ ପହଞ୍ଚି କ୍ଷୟକ୍ଷତି ଆକଳନ କରି ଫେରିଛନ୍ତି। ତେବେ ଅଗ୍ନି ବିପନ୍ନଙ୍କୁ ଏ ପର୍ଯ୍ୟନ୍ତ କୌଣସି ସରକାରୀ ସହାୟତା ମିଳିନାହିଁ।

## ଡ୍ରେନ୍, ବାଇପାସ୍ ରାସ୍ତା, କଲଭର୍ଟ ନିର୍ମାଣ ଦାବି

କୁଡୁମୁଲୁଗୁମ୍ମା,୨୪।୬(ଡି.ଏନ.ଏ.)

**କୁଡୁମୁଲୁଗୁମ୍ମା ପଞ୍ଚାୟତ ବୈଠକ**

କୁଡୁମୁଲୁଗୁମ୍ମା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଚଳିତବର୍ଷର ପଞ୍ଚାୟତ ବୈଠକ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ମଙ୍ଗଳା ମାଢ଼ୀ ଅଧକ୍ଷତା କରିଥିଲେ। ବିଧାୟକ ପ୍ରତିନିଧି ସାଧୁ ହନ୍ତାଳ, ସମିତିସଭ୍ୟା ମୁନୀ ସଗରିଆ, ନାଏବ ସରପଞ୍ଚ ହସମତି ହନ୍ତାଳ, ଭଗବାନ ସାହୁଙ୍କ ସହ ୱାର୍ଡ ସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ। ପିଇଓ ରେବତୀ ମାଝୀ ପରିଚାଳନା କରିଥିଲେ। ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ସାଧାରଣ ବଣ୍ଟନ ବ୍ୟବସ୍ଥା, ବାର୍ଦ୍ଧକ୍ୟ ଓ ଦିବ୍ୟାଙ୍ଗ ଭତ୍ତା, ହରିଶ୍ଚନ୍ଦ୍ର ଯୋଜନା ଓ ଅମୃତ ସରୋବର ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ୱାର୍ଡସଭ୍ୟ ସୁବ୍ରତ ମଲ୍ଲିକ ଭେଟେନାରୀ କଲୋନୀରେ ଡ୍ରେନ ନ ଥିବାରୁ ବର୍ଷାଜଳ ଲୋକଙ୍କ ଘରେ ପଶୁଥିବା ଅଭିଯୋଗ କରିଥିଲେ। ସଭ୍ୟା ମିନାକ୍ଷୀ ପଣ୍ଡା ହାଟପଦାର ଜନବସତିଠାରେ ଥିବା ମାଛ ଓ ମାଂସ ଦୋକାନଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଲାଗି ଦାବି କରିଥିଲେ। ସଭ୍ୟା ଅନିତା ସେଠୀ ଗତ ୧୦ ଦିନ ହେଲା ଜଳଯୋଗାଣ ବାଧାପ୍ରାପ୍ତ ହେଉଥିବା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ସଭ୍ୟ ହରି ମାଢ଼ୀ ଦୋରାଗୁଡା ରାସ୍ତା ଓ ଡ୍ରେନ ସମସ୍ୟା, ସଭ୍ୟ ପିଣ୍ଟୁ ସ୍ୱାଇଁ ଡ୍ରାଇଭରଗୁଡାଠାରୁ ଗୁଣ୍ଡୁରିଗୁଡା ବାଇପାସ ରାସ୍ତା ଏବଂ ନୃସିଂହ ନଗର ରାସ୍ତାରେ କଲଭର୍ଟ ନିର୍ମାଣକୁ ପ୍ରାଥମିକତା ଦେବାପାଇଁ ଅନୁରୋଧ କରିଥିଲେ। ସରପଞ୍ଚ ମାଢ଼ୀ ପ୍ରସ୍ତାବଗୁଡିକ ଉପରେ ସହମତି ପ୍ରକାଶ କରି ତୁରନ୍ତ ଏହାର କାର୍ଯ୍ୟକାରିତା ନେଇ ପ୍ରତିଶ୍ରୁତି ଦେଇଥିଲେ।



ସରପଞ୍ଚଙ୍କ ଅଧକ୍ଷତାରେ ଚାଲିଥିବା ବୈଠକ।

## କୋରାପୁଟରେ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସମୀକ୍ଷା

କୋରାପୁଟ,୨୪।୬(ସ୍ୱ.ପ୍ର.)

କୋରାପୁଟ ଜିଲା ଗସ୍ତ ଅବସରରେ ରାଜ୍ୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ପଟ୍ଟାଙ୍ଗୀ ବ୍ଲକର କୋଟିଆ ଗସ୍ତ କରି ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିଥିଲେ। ସେଠାରୁ କୋରାପୁଟ ଫେରି ସେ ଜିଲାର ରାଜସ୍ୱ ଅଧିକାରୀ, ନାଲକୋ, ରେଳବାଇ ଏବଂ ଭାରତମାଲା ପ୍ରକଳ୍ପର ବରିଷ୍ଠ ଅଧିକାରୀଙ୍କ ସହ ଜମି ଅଧିଗ୍ରହଣରେ ଆସୁଥିବା ସମସ୍ୟାଗୁଡ଼ିକର ସମୀକ୍ଷା କରିଛନ୍ତି । ତେବେ ଜମି ଅଧିଗ୍ରହଣରେ କୌଣସି କ୍ଷେତ୍ରରେ ଲୋକଙ୍କ ସମସ୍ୟା ରହିବ ନାହିଁ ବୋଲି ସାହୁ ପ୍ରକାଶ କରିଛନ୍ତି।

## ରାଜ୍ୟସ୍ତରର ୨ ସଂଯୋଜକ କଲେ ତଦାରଖ





ବୈଠକରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ ।

କୋଟପାଡ଼,୨୪।୬ (ଡି.ଏନ.ଏ.)

**ମୋ ସ୍କୁଲ ଅଭିଯାନର ବ୍ଲକସ୍ତରୀୟ ବୈଠକ**

କୋରାପୁଟ ଜିଲ୍ଲା କୋଟପାଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମର ସ୍କୁଲ ପରିଚାଳନା ସଙ୍ଗଠନର ବ୍ଲକସ୍ତରୀୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟସ୍ତରର ୨ଜଣ ସଂଯୋଜକ ସସ୍ମିତା ପାଇକରାୟ, ଐଶ୍ୱରୀୟା ସାମନ୍ତ ଯୋଗଦେଇ ପ୍ରତ୍ୟେକ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ତଦାରଖ କରିଥିଲେ। ପରିଚାଳନା କମିଟି ସଦସ୍ୟମାନଙ୍କ ସହଯୋଗ କିଭଳି ମିଳୁଛି ଏବଂ କାର୍ଯ୍ୟଗୁଡିକ କିପରି ପରିଚାଳନା କରୁଛନ୍ତି ସେନେଇ ପଚାରି ବୁଝିଥିଲେ । ବିଦ୍ୟାଳୟଗୁଡିକର ଉନ୍ନତି ସକାଶେ କ'ଣ ସମସ୍ୟା ରହିଛି ଏବଂ ଏହା କିଭଳି ସମାଧାନ କରାଯାଇପାରିବ ସେ ସମ୍ପର୍କରେ ମଧ ବୈଠକରେ ଆଲୋଚନା ହୋଇଥିଲା। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସଭାପତି ସୁଧୀର ଚନ୍ଦ୍ର ମହାନ୍ତି, ବାଳକ ଉଚ୍ଚ ବିଦ୍ୟାଳୟର ସଭାପତି ଗଣେଶ ପଣ୍ଡା,ବିଇଓ ତିଲୋତ୍ତମା ଗରଡ଼ା, ମୋ ସ୍କୁଲ ଅଭିଯାନର କୋରାପୁଟ ସଂଯୋଜକ ଉମେଶ ପାଢ଼ୀଙ୍କ ସହ ବ୍ଲକର ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଓ ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

## ବେଆଇନ ବାଲି ଚାଲାଣ ବେଳେ ଚଢ଼ାଉ

ଜୟପୁର,୨୪।୬ (ନି.ପ୍ର.)

ବେଆଇନ ବାଲି ଚାଲାଣ ବେଳେ ଜୟପୁର ତହସିଲ ତରଫରୁ ଚଢ଼ାଉ କରାଯାଇଛି । ଅତିରିକ୍ତ ତହସିଲଦାର ମାନସ ଘଡ଼େଇଙ୍କ ନେତୃତ୍ୱରେ ଲକ୍ଷ୍ମୀ ପଣ୍ଡା ଛକ ନିକଟରେ ବାଲି ବୋଝେଇ ଟ୍ରକ୍ ଓ ଟ୍ରାକ୍ଟର ଉପରେ ଚଢ଼ାଉ କରାଯାଇଥିଲା। ଉଭୟ ଗାଡ଼ିରୁ ୨୩ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିବା ଜଣାଯାଇଛି।

## ଶୈଶବର ଯତ୍ନ, ଶିଶୁ ପାଇଁ ଖାଦ୍ୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ମାଲକାନଗିରି,୨୪।୬(ଡି.ଏନ.ଏ.)

ମାଲକାନଗିରି ଜିଲ୍ଲାରେ ୪ ଦିନ ଧରି ଅନଲାଇନ୍ ମାଧ୍ୟମରେ ଚାଲିଥିବା 'ଶୈଶବର ଯତ୍ନ, ଶିକ୍ଷା ଓ ଶିଶୁପାଇଁ ପୁଷ୍ଟିକର ଖାଦ୍ୟ' ଶୀର୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଶିଶୁଙ୍କ ପାଇଁ ପ୍ରଦାନ କରାଯାଉଥିବା ସୁଷମ ଓ ପୁଷ୍ଟିକର ଖାଦ୍ୟ ଏବଂ ଖେଳନା ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଜିଲା ସମାଜ କଲ୍ୟାଣ ବିଭାଗ କର୍ଯ୍ୟାଳୟ ପରିସରରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭାରପ୍ରାପ୍ତ ଜିଲା ସମାଜକଲ୍ୟାଣ ଅଧିକାରୀ ବଳରାମ ଭୂୟାଁ, ସମ୍ମାନିତ ଅତିଥି ଭାବେ ପ୍ରୋଗ୍ରାମ ଅଫିସର ଇନ୍ଦିରା ପ୍ରଧାନ ଯୋଗଦେଇ ଶିଶୁ ଓ ମା'ମାନଙ୍କ ଯତ୍ନ, ସେମାନଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅତିଥିମାନେ ଉପସ୍ଥିତ ଶିଶୁଙ୍କୁ ବିଭିନ୍ନ ସୁଷମ ଖାଦ୍ୟ ଖୁଆଇଥିଲେ। କାର୍ଯ୍ୟକ୍ରମକୁ ଶାନ୍ତି କରସୁଧା ପଟ୍ଟନାୟକ ପରିଚାଳନା କରିଥିଲେ। ରାଜ୍ୟ ସଂଯୋଜିକା ସତ୍ୟଭାମା ବିଶୋୟୀ, ନିର୍ମଳାଦେଈ, ଜେ.ଏମ.ଆଚାର୍ଯ୍ୟ, ପ୍ରିୟଦର୍ଶନୀ ମହାନ୍ତି, ରାଜଶ୍ରୀ ଗୋସ୍ୱାମୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।





ଅତିଥିମାନେ ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ଖୁଆଇ ଦେଉଛନ୍ତି।

## ଜିଲା ଚିକିତ୍ସାଳୟ ଶୌଚାଳୟରୁ ମିଳିଲା ରୋଗୀଙ୍କ ମୃତଦେହ

ଜୟପୁର, ୨୪।୬ (ନି.ପ୍ର.)

ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ଶୌଚାଳୟରୁ ଶୁକ୍ରବାର ଜଣେ ରୋଗୀଙ୍କ ମୃତଦେହ ମିଳିଛି। ମୃତକ ହେଉଛନ୍ତି ବୋରିଗୁମ୍ମା ବ୍ଲକ ପୁଜାରିଗୁଡାର କାଲୁ ଚରଣ ସିଂ (୬୫) । କାଲୁଚରଣ ଅସୁସ୍ଥ ହୋଇ ଜୟପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଭର୍ତ୍ତି ହୋଇଥିଲେ। ସେ ଓପିଡି ୱାର୍ଡର ଶୌଚାଳୟରେ ପରିଶ୍ରା କରିବାକୁ ଯାଇ ତଳେ ପଡି ଯାଇଥିଲେ। ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ଖବର ପାଇ ପୋଲିସ ତଦନ୍ତ କରି ଫେରିଛି । ଥାନାରେ ମାମଲା ରୁଜୁ ହୋଇ ନ ଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି ।

## ଦୁରୁଆ ଆଦିବାସୀ ମହିଳା ମହାସଂଘର ବୈଠକ



ବୈଠକରେ ଦୁରୁଆ ଆଦିବାସୀମାନେ ।

ଜୟପୁର, ୨୪।୬ (ନି.ପ୍ର.)

ଦୁରୁଆ ଆଦିବାସୀ ମହିଳା ମହାସଂଘର ଏକ ବୈଠକ ବୁଦାଗୁଡା ଗ୍ରାମରେ ଅନୁଷ୍ଠିତ ହୋଇଛି । ଓଡ଼ିଶାର ଆଦିବାସୀ ମହିଳା ଦୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କରାଯାଇଥିବାରୁ ସ୍ୱାଗତ କରାଯାଇଛି । ସେ ରାଷ୍ଟ୍ରପତି ହେବା ପରେ ଆଗାମୀ ଦିନରେ ମହାସଂଘ ପକ୍ଷରୁ ତାଙ୍କୁ ସାକ୍ଷାତ କରିବା ଲାଗି ବୈଠକରେ ସ୍ଥିର ହୋଇଛି। ମହାସଂଘ ସଭାପତି ଚକ୍ରବତୀ ଦୁରୁଆ, ସମ୍ପାଦିକା କାବେରି ଦୁରୁଆ, ଚନ୍ଦ୍ର ସଗରିଆ, ସନମତି ଦୁରୁଆ ପ୍ରମୁଖ ଉପସ୍ଥିତ ଥିଲେ ।

## କୃଷି ଅତିରିକ୍ତ ନିର୍ଦ୍ଦେଶକଙ୍କ ମାଲକାନଗିରି ଗସ୍ତ

ମାଲକାନଗିରି,୨୪।୬(ଡି.ଏନ.ଏ.)

ଶୁକ୍ରବାର ମାଲକାନଗିରି ଜିଲା ଗସ୍ତ କରି କୃଷି ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ ରାୟ ଜିଲାର ବିଭିନ୍ନ ସଂରକ୍ଷଣ ଜଳସେଚନ ସ୍ଥାନ ପରିଦର୍ଶନ କରିଛନ୍ତି। ଜଳସେଚିତ କୃଷି ଅଞ୍ଚଳ ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିଥିଲେ। ଅନେକ ହିତାଧିକାରୀଙ୍କ ସହ ରାୟ ଏହି ଅବସରରେ ଆଲୋଚନା କରିଥିଲେ। ପରେ ସେ କୋରୁକୋଣ୍ଡା ଗସ୍ତ କରି ସେଠାରେ ଥିବା ବିହନ ବଣ୍ଟନ କେନ୍ଦ୍ର ପରିଦର୍ଶନ କରି ଚାଷୀଙ୍କ ଆଲୋଚନା କରିଥିଲେ।



ଚାଷୀଙ୍କ ସହ କୃଷି ଅତିରିକ୍ତ ନିର୍ଦ୍ଦେଶକ ଆଲୋଚନା କରୁଛନ୍ତି ।

## ବିଦ୍ୟାଳୟ କୋଠା ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

- ଅନୁପଯୁକ୍ତ ଜାଗାରେ ହେଉଛି କୋଠା ନିର୍ମାଣ
- ନିକଟରେ ରହିଛି ଶ୍ମଶାନ, ଜଙ୍ଗଲ ଓ କାଜୁ ମିଲ୍
- ଗ୍ରାମକଣ୍ଠ ଜାଗାରେ ନ ହେଲେ ଆନ୍ଦୋଳନ ଚେତାବନୀ

ଜୟପୁର,୨୪।୬(ନି.ପ୍ର.)

କୋରାପୁଟ ଜିଲା ଜୟପୁର ବ୍ଲକ ଅନ୍ତର୍ଗତ କେବିଡ଼ି ପଞ୍ଚାୟତର ଶତାଧିକ ଗ୍ରାମବାସୀ ଗ୍ରାମର ଏକ ଅନୁପଯୁକ୍ତ ଜାଗାରେ ନୂତନ ଭାବେ ନିର୍ମାଣ ହେଉଥିବା ବିଦ୍ୟାଳୟ କୋଠାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନେ ଉପଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି। କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଦ୍ୱାରା ଛାତ୍ରୀଛାତ୍ରଙ୍କ ଅନିଚ୍ଛା ସତ୍ତ୍ୱେ ବିଦ୍ୟାଳୟ କୋଠା ଏପରି ସ୍ଥାନରେ ହେଉଥିବା ସେମାନେ ଅଭିଯୋଗ କରିଛନ୍ତି। ନୂତନ କୋଠା ଗ୍ରାମ୍ୟ ଶ୍ମଶାନଠାରୁ ୨୦୦ ମିଟର ଦୂରରେ ଥିବା ବେଳେ ଅଳ୍ପ ଦୂରରେ ଘଞ୍ଚ ଜଙ୍ଗଲ ରହିଛି। ଏହିପରିବେଶ ଛାତ୍ରୀଛାତ୍ରଙ୍କ ମନରେ ଭୟର ବାତାବରଣ ସୃଷ୍ଟି କରୁଥିବା ଦାବିପତ୍ରରେ କୁହାଯାଇଛି। ନିକଟରେ ଏକ କାଜୁ ମିଲ୍ ଓ ଗୋଟିଏ ଆମ୍ବତୋଟା ରହିଛି। ମିଲ୍ ଧୂଆଁରେ ଛାତ୍ରୀଛାତ୍ରମାନେ ଅଣନିଶ୍ୱାସୀ ହୋଇ ବିଭିନ୍ନ ରୋଗରେ ପଡିବା ସମ୍ଭାବନା ରହିଛି। ଏହି କୋଠା ଶୁଣ୍ଟି କେବିଡି ନିକଟସ୍ଥ ଗ୍ରାମକଣ୍ଠ ଜାଗା ପ୍ଲଟ୍ ନମ୍ବର ୯୦୨ରେ ନିର୍ମାଣ କଲେ ଉପଯୁକ୍ତ ହେବ ବୋଲି ଗ୍ରାମବାସୀ ପ୍ରସ୍ତାବ ଦେଇଛନ୍ତି। ନିର୍ମାଣାଧୀନ କୋଠା କାର୍ଯ୍ୟ ବନ୍ଦ କରି ପ୍ରସ୍ତାବିତ ଗ୍ରାମକଣ୍ଠ ଜାଗାରେ ନ କଲେ ଆଗାମୀ ଦିନରେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଦାବିପତ୍ରର ନକଲ ୫-ଟି ସଚିବ, ଗଣଶିକ୍ଷା ମନ୍ତ୍ରୀ, କୋରାପୁଟ ଏମ୍‌ପି, ତହସିଲଦାର ଓ ଜିଲା ଶିକ୍ଷା ଅଧିକାରୀଙ୍କ ନିକଟକୁ ପଠାଯାଇଛି।





ଉପଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଗ୍ରାମବାସୀ।

